# NATIONAL NEWS BULLETIN (ODIA)

**16 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲି ପଞ୍ଚମ ସେମିକନ୍ ଇଣ୍ଡିଆ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ଟିକସ ସମ୍ବନ୍ଧୀୟ ପ୍ରସ୍ତାବ ଉପସ୍ଥାପନ ସମୟରେ ଦେଶର ସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ପ୍ରଦାନ କରିବାକୁ ଅର୍ଥମନ୍ତ୍ରୀଙ୍କ ଗୁରୁତ୍ୱ

- ଦେଶବ୍ୟାପୀ ଆସନ୍ତାକାଲିଠାରୁ ଆରମ୍ଭ ହେବ ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନ

- ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଆଜିଠାରୁ ୨ ଦିନିଆ ଭୁଟାନ ଗସ୍ତ

ଏବଂ

- ଆନ୍ତର୍ଜାତିକ ଜଳସୀମାରେ ଭାରତୀୟ ନୌସେନା ସହ ପାକିସ୍ତାନର ଆଚରଣକୁ ଦୃଢ଼ ନିନ୍ଦା କରିଛି ଭାରତ

---

# ପିଏମ୍ ସେମିକନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀର ଯଶୋଭୂମିଠାରେ ପଞ୍ଚମ 'ସେମିକନ୍ ଇଣ୍ଡିଆ-୨୦୨୬'କୁ ଉଦ୍‌ଘାଟନ କରିବେ । ଏହି ୩ ଦିନିଆ ସମ୍ମିଳନୀ ଏକ ପ୍ରମୁଖ ମଞ୍ଚ ଭାବରେ କାର୍ଯ୍ୟ କରିବ, ଯାହା ମିଳିତ ସହଯୋଗକୁ ପ୍ରୋତ୍ସାହିତ କରିବା ସହିତ

ନବସୃଜନକୁ ତ୍ୱରାନ୍ୱିତ କରିବା, ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା, ପୁଞ୍ଜି ନିବେଶ ଆକୃଷ୍ଟ କରିବା ଏବଂ ଭବିଷ୍ୟତ ପାଇଁ ଦକ୍ଷ ପ୍ରତିଭା ବିକାଶ କରିବା ଲାଗି ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥାକୁ ମଜଭୁତ କରିବ । ଏହି କାର୍ଯ୍ୟକ୍ରମରେ ୬ଶହରୁ ଅଧିକ ପ୍ରଦର୍ଶକ, ୩୦୦ ଅନ୍ତର୍ଜାତୀୟ କମ୍ପାନୀ ଏବଂ ୪୦ରୁ ଅଧିକ ଦେଶର ପ୍ରତିନିଧି ସାମିଲ ହେବେ । ଏହି ପ୍ରଦର୍ଶନୀରେ ୬ଟି ଦେଶର ପାଭିଲିୟନ୍, ୧୨ଟି ରାଜ୍ୟ ସରକାରଙ୍କ ପାଭିଲିୟନ୍ ଏବଂ ଷ୍ଟାର୍ଟଅପ୍ ପାଇଁ ଏକ ସ୍ୱତନ୍ତ୍ର ପାଭିଲିୟନ୍ ରହିବ ।

ସେମିକନ୍ ଇଣ୍ଡିଆ ହେଉଛି ଭାରତର ପ୍ରମୁଖ ସେମିକଣ୍ଡକ୍ଟର ସମ୍ମିଳନୀ, ଯାହାକୁ ଭାରତ ସେମିକଣ୍ଡକ୍ଟର ମିଶନ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଏବଂ ସେମି ଦ୍ୱାରା ମିଳିତ ଭାବେ ଆୟୋଜନ କରାଯାଉଛି । କାର୍ଯ୍ୟକ୍ରମରେ ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ଉପରେ ବହୁବିଧ ଆଲୋଚନା ଓ ରଣନୀତିକ ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ ।

## ସୀତାରମଣ-ଟାକ୍ସ ପଲିସି

ଟିକସ ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକରେ ହ୍ରାସ, ରିହାତି ଓ ଛାଡ଼ କରିବା ଦାବି ମଧ୍ୟରେ ଦେଶର ସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ପ୍ରଦାନ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁତ୍ୱ ଦେଇଛନ୍ତି। ଆଜି ବେଙ୍ଗାଲୁରୁଠାରେ ଇଣ୍ଟରନ୍ୟାଶନାଲ୍ ଟ୍ୟାକ୍ସ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ଫାଉଣ୍ଡେସନ ଦ୍ୱାରା ଆୟୋଜିତ 'ନିଉ ଏଜ୍ ଟାକ୍ସେସନ୍' ଶୀର୍ଷକ ୨ ଦିନିଆ ସମ୍ମିଳନୀ ଅବସରରେ ସେ ଏହା କହିଛନ୍ତି । ଶିକ୍ଷାବିତ, ଗବେଷକ

ଏବଂ ନୀତି ନିର୍ଦ୍ଧାରକଙ୍କୁ ସ୍ୱାଧୀନ ଟିକସ ନୀତି ଗବେଷଣା ସମୟରେ ଏହି ଦୃଷ୍ଟିକୋଣକୁ ଗୁରୁତ୍ୱ ଦେବାକୁ ଅର୍ଥମନ୍ତ୍ରୀ କହିଛନ୍ତି । ଏହା ଦ୍ୱାରା ବିଭିନ୍ନ ପ୍ରକାର ସୃଷ୍ଟ ଆହ୍ୱାନର ସମାଧାନ ସମ୍ଭବ ହୋଇପାରିବ । ଆଗାମୀ ଦୁଇ ଦଶନ୍ଧି ପର୍ଯ୍ୟନ୍ତ ଭାରତ ପାଇଁ ପ୍ରସ୍ତୁତ ହେବାକୁ ଥିବା ଟିକସ ବ୍ୟବସ୍ଥା ସଂପର୍କରେ ରୂପରେଖ ପ୍ରସ୍ତୁତ କରିବାକୁ ଅର୍ଥମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କ୍ଷେତ୍ରରେ ଏହି ଦୃଷ୍ଟିକୋଣ ସହାୟକ ହୋଇପାରିବ । ଉତ୍ତମ ଟିକସ ନୀତି ପ୍ରସ୍ତୁତିରେ ସମସ୍ତ ଦିଗକୁ ଦୃଷ୍ଟି ଦେବାକୁ ଅର୍ଥମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଫଳରେ କରଦାତା, ବାଣିଜ୍ୟ କ୍ଷେତ୍ର ଏବଂ ରାଜକୋଷ ସମାନ ଭାବେ କାର୍ଯ୍ୟକ୍ଷମ ହୋଇପାରିବେ ।

---

## ଗଭ୍-ୟୁପିଆଇ

ବ୍ୟକ୍ତିଗତ ସ୍ତରରେ କୌଣସି ପ୍ରକାର ୟୁପିଆଇ କାରବାର ପାଇଁ ଶୁଳ୍କ ଦେବାକୁ ପଡ଼ିବ ନାହିଁ ବୋଲି ସରକାର ସ୍ୱଷ୍ଟ କରିଛନ୍ତି । ଏପରିକି କ୍ଷୁଦ୍ର ବ୍ୟବସାୟିଙ୍କ ଲାଗି ବାଣିଜ୍ୟ ରିହାତିହାର ଢାଞ୍ଚାରେ ଅନ୍ତର୍ଭୁକ୍ତ କାରବାର ପାଇଁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦେଣନେଣ ନିଶୁଳ୍କ ରହିବ ।

ଅର୍ଥ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ସମସ୍ତ ପ୍ରକାର ବ୍ୟକ୍ତି ଠାରୁ ବ୍ୟବସାୟୀ ପର୍ଯ୍ୟନ୍ତ ୯୬ ପ୍ରତିଶତ କାରବାର ଶୁଳ୍କ ବିହୀନ ହେବ । ବାଣିଜ୍ୟ ରିହାତି ହାର ବ୍ୟବସ୍ଥା ୨ ହଜାର ଟଙ୍କାରୁ ଅଧିକ ନିର୍ଦ୍ଦିଷ୍ଟ ବ୍ୟାବସାୟିକ କାରବାର ପାଇଁ ଲାଗୁ କରାଯିବ । ଭାରତୀୟ ଜାତୀୟ ପେମେଣ୍ଟସ ନିଗମ ସ୍ୱଷ୍ଟ କରିଛି, କେତେକ ନିର୍ଦ୍ଦିଷ୍ଟ ବ୍ୟାବସାୟିକ କାରବାର ଉପରେ ସଂଶୋଧିତ ୟୁପିଆଇ ବାଣିଜ୍ୟ ରିହାତିହାର ବ୍ୟବସ୍ଥା

ପ୍ରଚଳନ କରାଯାଉଛି । ଆସନ୍ତା ମାସ ୧୫ ତାରିଖରୁ ଏହା କାର୍ଯ୍ୟକାରି ହେବ । ଉପଭୋକ୍ତାଙ୍କ ପାଇଁ ୟୁପିଆଇ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ । ବାଣିଜ୍ୟ ରିହାତିହାର ଅଧୀନରେ ୨ହଜାର ଟଙ୍କାରୁ ଅଧିକ ବ୍ୟକ୍ତିଠାରୁ ବ୍ୟବସାୟିକ କାରବାର ପାଇଁ ଶୂନ ଦଶମିକ୍ ୪ ପ୍ରତିଶତ ଶୁଳ୍କ ଲାଗୁ ହେବ । ତେବେ ୭୫ ହଜାର ଟଙ୍କା କିମ୍ବା ତାଠାରୁ ଅଧିକ ପ୍ରତ୍ୟେକ ମୂଲ୍ୟର କାରବାର ପାଇଁ ବାଣିଜ୍ୟ ରିହାତିହାର ଶୁଳ୍କ ୩୦୦ ଟଙ୍କା ମଧ୍ୟରେ ସୀମିତ ରହିବ ।

## ସ୍ୱଚ୍ଛତା ହି ସେବା

ଦେଶବ୍ୟାପୀ ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଏହି ଅଭିଯାନ ଆସନ୍ତାମାସ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସ୍ୱଚ୍ଛତାକୁ ପ୍ରାଥମିକତା ପ୍ରଦାନ କରିବା, ସାର୍ବଜନୀନ ସ୍ଥାନଗୁଡ଼ିକରେ ସ୍ୱଚ୍ଛତା ଆଧାରିତ ସଂସ୍କାର ଏବଂ ଏଥିରେ ଯୁବପିଢ଼ିଙ୍କୁ ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରିବା ଅଭିଯାନର ମୂଳଲକ୍ଷ୍ୟ । ଏହା ଦ୍ୱାରା ପୁନଃ ସଂଯୋଜିତ ଅର୍ଥନୀତି ଏବଂ ବର୍ଜ୍ୟବସ୍ତୁରୁ ଆୟ ସାଧନର ମାର୍ଗ ଉନ୍ମୁକ୍ତ ହୋଇପାରିବ । ସ୍ୱଚ୍ଛତାରେ ସହଭାଗୀ, ସ୍ୱଚ୍ଛ ଭାରତ, ବିକଶିତ ଭାରତ ଏବଂ ସ୍ୱଚ୍ଛ ଓ ବିକଶିତ ଭାରତ ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରିବାରେ ସାମୂହିକ ଅଂଶଗ୍ରହଣ ତଥା ସହଭାଗୀ ଦାୟିତ୍ୱ ପ୍ରସଙ୍ଗ ଆଧାରରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯିବ । ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନ ସ୍ୱଚ୍ଛ ଭାରତ ମିଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି । ଆସନ୍ତାମାସ ୨ ତାରିଖ ଗାନ୍ଧିଜୟନ୍ତୀ ଅବସରରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ସାର୍ବଜନୀନ କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯିବ । ଏକ୍ ପେଡ୍ ମା' କେ ନାମ୍ ପଦକ୍ଷେପ ଅଧୀନରେ

ଚାରା ରୋପଣକୁ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ସେବାର ୨୫ ବର୍ଷ ପୂରଣ ଅବସରରେ ଆସନ୍ତାମାସ ୭ ତାରିଖରେ ସ୍ୱତନ୍ତ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଛି ।

---

## ଜୟଶଙ୍କର-ଭୁଟାନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜିଠାରୁ ଦୁଇଦିନିଆ ଭୁଟାନ ଗସ୍ତରେ ଯିବେ । ଏହି ଗସ୍ତ ସମୟରେ ଡକ୍ଟର ଜୟଶଙ୍କର ଭୁଟାନର ପ୍ରତିପକ୍ଷ ଲିଓନ୍‌ପୋ ଡିଏନ୍ ଢୁଙ୍ଗିଏଲ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେ ଭୁଟାନର ମହାରାଜାଙ୍କୁ ସାକ୍ଷାତ କରି ଆତିଥ୍ୟ ଗ୍ରହଣ କରିବା ସହ ଭୁଟାନର ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟସୂଚୀ ରହିଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଡକ୍ଟର ଜୟଶଙ୍କରଙ୍କର ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁଇଦେଶ ମଧ୍ୟରେ ନିବିଡ଼ ବନ୍ଧୁତା ଓ ସହଯୋଗକୁ ଅଧିକ ମଜଭୁତ କରିବା ।

---

## ରୁଷ-ଧୀରଜ ସେଠ୍

ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ୍ ଧୀରଜ ସେଠ୍ ଆଜିଠାରୁ ୧୮ ତାରିଖ ପର୍ଯ୍ୟନ୍ତ ରୁଷ୍‌କୁ ଏକ ସରକାରୀ ଗସ୍ତରେ  ଯାଉଛନ୍ତି । ଏହି ୩ ଦିନିଆ ଗସ୍ତ କାଳରେ ଜେନେରାଲ୍ ସେଠ୍ ରୁଷ୍ ସ୍ଥଳସେନାର କମାଣ୍ଡର ଇନ୍ ଚିଫ୍ କର୍ଣ୍ଣେଲ୍ ଜେନେରାଲ୍ ଆନ୍ଦ୍ରେଇ ନିକୋଲାଭିଚ୍ ମୋର୍ଦ୍ଦଭିଜଭଙ୍କ ସହ ସାମରିକ ସହଯୋଗ ଓ ପ୍ରଶିକ୍ଷଣ ସହିତ ପାରସ୍ପରିକ ସ୍ୱାର୍ଥଜଡ଼ିତ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ସେଠାରେ ତାଙ୍କୁ ଔପଚାରିକ ଭାବେ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯିବ ଏବଂ ସେ ମସ୍କୋସ୍ଥିତ 'ଟ୍ରୁମ୍

ଅଫ୍ ଦି ଅନ୍‌ନୋନ୍ ସୋଲ୍‌ଜର୍’ଠାରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସେନାମୁଖ୍ୟ ଜେନେରାଲ୍ ସେଠ୍ ମସ୍କୋସ୍ଥିତ ଜାତୀୟ ପ୍ରତିରକ୍ଷା କଣ୍ଟ୍ରୋଲ୍ ସେଣ୍ଟର ମଧ୍ୟ ପରିଦର୍ଶନ କରିବେ । ଏଥିସହିତ ରୁଷ୍ ପ୍ରତିରକ୍ଷା ଉପମନ୍ତ୍ରୀ ସର୍ଗେଇଭିଚ୍ ଓସ୍‌ମାକୋଭ୍‌ଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଜେନେରାଲ୍ ସେଠ୍ ମଧ୍ୟ ଆଲୋଚନା କରିବେ ।

---

## ଓଜୋନ ଦିବସ

ବାୟୁମଣ୍ଡଳରେ ଓଜୋନ ସ୍ତରର ସଂରକ୍ଷଣ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟନେଇ ଆଜି ବିଶ୍ୱ ଓଜୋନ ଦିବସ ପାଳନ କରାଯାଉଛି। ୧୯୯୪ ମସିହା ଜାତିସଂଘ ମହାସଭା ଓଜୋନ ସ୍ତର ସୁରକ୍ଷା ପାଇଁ ଗ୍ରହଣକରିଥିବା ଐତିହାସିକ ମଣ୍ଟ୍ରିଲ ମାର୍ଗଦର୍ଶିକାକୁ ସ୍ମରଣ କରି ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷର ବାର୍ତ୍ତା ରହିଛି **ଏକ ଶୀତଳ ଗ୍ରହ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ** । ବୈଜ୍ଞାନିକ ଗବେଷଣା ଏବଂ ଓଜୋନ ସ୍ତରକୁ ସଂରକ୍ଷଣ କରିବା ସହ ଜଳବାୟୁ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନର ଲକ୍ଷ୍ୟ ନେଇ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ବିଶ୍ୱ ଓଜୋନ ଦିବସ ଅବସରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ କହିଛନ୍ତି, ଓଜୋନସ୍ତର ହେଉଛି କ୍ଷତିକାରକ ଅତିବାଇଗଣୀ ରଶ୍ମୀ ବିରୁଦ୍ଧରେ ଏକ ସୁରକ୍ଷା କବଚ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଓଜୋନସ୍ତରର ସୁରକ୍ଷା

ନିଜ ଘରୁ ହିଁ ଆରମ୍ଭ ହୋଇଥାଏ । ଶୀତତାପ ନିୟନ୍ତ୍ରିତ ଯନ୍ତ୍ରର ତାପମାତ୍ରାକୁ ୨୪ ଡିଗ୍ରୀ ସେଲ୍‌ସିୟସ୍‌ରେ ରଖିବା ସହ ଉଚ୍ଚମାନର ଉପକରଣ ବ୍ୟବହାର କରିବା ଭଳି ପଦକ୍ଷେପ ନିଆଗଲେ ଅଙ୍ଗାରକ ନିର୍ଗମନକୁ ହ୍ରାସ କରାଯାଇ ପାରିବ । ଶ୍ରୀ ସିଂ କହିଛନ୍ତି, ଓଜୋନ ସ୍ତରର ସଂରକ୍ଷଣ ମାନବ ସ୍ୱାସ୍ଥ୍ୟ, ଜୈବ ବିବିଧତା ଏବଂ ଜଳବାୟୁ ସ୍ଥିରତାକୁ ସୁରକ୍ଷିତ ରଖିଥାଏ ।

## ନେପାଳ-ଆର୍ଥକ୍ୱେକ୍

ନେପାଳର ଉତ୍ତର-ପଶ୍ଚିମ ମୁଗୁ ଜିଲ୍ଲାରେ ଆଜି ସକାଳେ ୩ ଘଣ୍ଟା ମଧ୍ୟରେ ୨ଟି ଭୂକମ୍ପ ଝଟକା ଅନୁଭୂତ ହୋଇଛି । ନେପାଳର ଜାତୀୟ ଭୂକମ୍ପ ନିରୀକ୍ଷଣ ଓ ଅନୁସନ୍ଧାନ କେନ୍ଦ୍ର ଅନୁଯାୟୀ, ପ୍ରଥମ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୪ ଦଶମିକ ୫ ଥିବା ବେଳେ ପରେ ୪ ଦଶମିକ ୨ ତୀବ୍ରତାର ଆଉ ଏକ ଝଟକା ଲାଗିଥିଲା । ଏହି ୨ଟିଯାକ ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା ମୁଗୁ ଜିଲ୍ଲାର କାଲାଇ । ଗତ ଅଗଷ୍ଟ ୨୬ ତାରିଖରେ ଭୟଙ୍କର ଆକସ୍ମିକ ବନ୍ୟା ବିପତ୍ତିରୁ ମୁକୁଳିନଥିବା ନେପାଳରେ ଭୂକମ୍ପ ଅନୁଭୂତ ହୋଇଥିଲେ ହେଁ କୌଣସି କ୍ଷୟକ୍ଷତି ହୋଇଥିବାର ଖବର ମିଳିନାହିଁ । ସୂଚନାଯୋଗ୍ୟ ନେପାଳ ବନ୍ୟାରେ ଅଦ୍ୟାବଧି ୧ ହଜାର ୪୦୩ଟି ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଏବେ ବି ୪ ହଜାର ୮୯ ଜଣ ନିଖୋଜ ଅଛନ୍ତି ।

## ଭାରତ-ପାକ୍ ନୌସେନା ୟୁନିଟ୍

ଆନ୍ତର୍ଜାତିକ ଜଳସୀମାରେ ଭାରତୀୟ ନୌସେନାର ଏକ ୟୁନିଟ୍ ସହ ପାକିସ୍ତାନ ନୌସେନା ପକ୍ଷରୁ ପ୍ରଦର୍ଶନ ଆଚରଣକୁ ଭାରତ ଦୃଢ଼ ନିନ୍ଦା

କରିଛି । ନୂଆଦିଲ୍ଲୀରେ ଅବସ୍ଥାପିତ ପାକସ୍ତାନର ଚାର୍ଜ ଡି ଆଫେୟାର୍ସଙ୍କୁ ବୈଦେଶିକ ମନ୍ତ୍ରଣାଳୟ ସମନ ଜାରି କରି ଭାରତର ଦୃଷ୍ଟିକୋଣ ଉପସ୍ଥାପନ କରିଛି । ମନ୍ତ୍ରଣାଳୟ କହିଛି, ଯଦିଓ ଏଭଳି ଆଚରଣରେ କୌଣସି ବୃହତ କ୍ଷତି ଘଟିନାହିଁ, ତଥାପି ଏହା ଦୁଇଦେଶ ମଧ୍ୟରେ ରହିଥିବା ଚୁକ୍ତିନାମାର ସିଧାସଳଖ ଉଲ୍ଲଙ୍ଘନ କରୁଛି । ୧୯୯୧ ମସିହା ଏପ୍ରିଲ୍ ମାସରେ ଦୁଇଦେଶ ମଧ୍ୟରେ ସାମରିକ ଅଭ୍ୟାସ ତଥା ସୈନ୍ୟ ଗତିବିଧି ଉପରେ ପାରସ୍ପରିକ ପୂର୍ବ ସୂଚନା ଆଦାନ ପ୍ରଦାନ ନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଭବିଷ୍ୟତରେ ଏଭଳି ଆଚରଣରୁ ଦୂରେଇ ରହିବାକୁ ପାକିସ୍ତାନକୁ କୁହାଯାଇଛି ।

---

# କ୍ରିକେଟ୍

ଭାରତ-ଆଫ୍‌ଗାନିସ୍ତାନ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ପୁରୁଷବର୍ଗ ସିରିଜ୍‌ର ଗତକାଲିର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଆଫ୍‌ଗାନିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ଏଥିସହ ସିରିଜ୍‌ରେ ୨-୦ରେ ଆଗୁଆ ହୋଇଛି । ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

ନିର୍ଦ୍ଧାରିତ ୨୦ ଓଭରରେ ଆଫ୍‌ଗାନିସ୍ତାନ ୮ ୱିକେଟ୍ ବିନିମୟରେ ୧୫୯ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ୩ଟି ୱିକେଟ୍ ଏବଂ ଅର୍ଶଦୀପ ସିଂହ ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ୧୬୦ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୪ ଓଭର ଏବଂ ୫ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା ।

ଦଳ ପକ୍ଷରୁ ସଞ୍ଜୁ ସାମସନ୍ ୨୨ଟି ବଲ୍‌ରୁ ୫୭ରନ୍ ସଂଗ୍ରହ କରିଥିବା ବେଳେ ଅଭିଶେକ ଶର୍ମା ୩୯ ଏବଂ ଇଶାନ୍ କିଶାନ ଅପରାଜିତ ୩୮ରନ୍ ସଂଗ୍ରହ କରିଥିଲେ । ନୀତିଶ ରେଡ୍ଡୀଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି । ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତାକାଲି ସେହି ଅରୁଣ ଜେଟଲୀ ଷ୍ଟାଡିୟମ୍‌ଠାରେ ଖେଳାଯିବ ।

---